ସକାଳ
THE SAKALA



**କୋଲାବିରାକୁ ଆଦର୍ଶ ପଞ୍ଚାୟତ ମାନ୍ୟତା**

# କ୍ଷେତ୍ର ପରିଦର୍ଶନ କଲେ ଜିଲ୍ଲାପାଳ

**କୋଲାବିରା, ୩୦ ।୧(ସମିସ)**




ଝାରସୁଗୁଡା ଜିଲ୍ଲା କୋଲାବିରା ବ୍ଲକସଦର ପଞ୍ଚାୟତକୁ ଆଦର୍ଶ ପଞ୍ଚାୟତ ଭାବେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଛି । ଏହି କ୍ରମରେ ଗୁରୁବାର ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ କ୍ଷେତ୍ର ପରିଦର୍ଶନ କରିଛନ୍ତି । ଜିଲ୍ଲାପାଳ କୋଲାବିରା ଗସ୍ତରେ ଆସି ନୂତନ ପ୍ରକଳ୍ପ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରି ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲଙ୍କ ସମେତ ସ୍ଥାନୀୟ ଲୋକଙ୍କ ସହିତ ଆଲୋଚନା କରିଥିଲେ । ଏହି ଆଦର୍ଶ ଯୋଜନାରେ କୋଲାବିରା ପଞ୍ଚାୟତରେ ଆଦର୍ଶ ପୋଖରୀ, ଆଦର୍ଶ ବଜାର ପ୍ରାଙ୍ଗଣ, ଆଦର୍ଶ ଖେଳ ପଡ଼ିଆ ଇତ୍ୟାଦି ନିର୍ମାଣ କରାଯିବ । ଏହି ପରିଦର୍ଶନ ସମୟରେ ବିଡିଓ ଅଶୋକ ମାଝୀ, ବ୍ଲକ ଅଧ୍ୟକ୍ଷ ଭୋଜରାଜ ପଟେଲ, ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ମଧୁସ୍ମିତା ପଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଡିଏଭିରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ଝାରସୁଗୁଡ଼ା, ୩୦।୧ (ସମିସ):** ଝାରସୁଗୁଡ଼ା ଡିଏଭି ପବ୍ଲିକ ସ୍କୁଲ ପରିସରରେ ଭାରତ ମହାତ୍ମା ଗାନ୍ଧୀଙ୍କ ପୁଣ୍ୟତିଥି ତଥା ଶହୀଦ ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତାଙ୍କ ପ୍ରତିନିଧିତ୍ୱରେ ଆୟୋଜିତ ସଭାରେ ମହତ୍ମାଗାନ୍ଧୀଙ୍କ ଫଟୋରେ ମାଲ୍ୟାର୍ପଣ କରିବା ସହିତ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଅଧ୍ୟକ୍ଷ ଶ୍ରୀ ଦେବତା ସ୍ୱାଗତ ଭାଷଣରେ ସତ୍ୟ ଓ ଅହିଂସା ରୂପକ ଅସ୍ତ୍ରରେ ବିଶ୍ୱକୁ ନୂତନ ଦିଶା ଦେଇଥିବା ପୂଜ୍ୟ ବାପୁଙ୍କ ଜୀବନାଦର୍ଶ, ତ୍ୟାଗ, ସହନଶୀଳତା, ଉଦାରତା ଓ ଦେଶପ୍ରେମ ସର୍ବଦା ପ୍ରେରଣାଦାୟୀ ଓ ଅନୁକରଣୀୟ ବୋଲି ଭାବବ୍ୟକ୍ତ କରିଥିଲେ । ନୀଳିମା ପଟେଲ, ସବିତା ଧଳ, ସୁନନ୍ଦା ପ୍ରହରାଜ, ମନିଷା ଚାନ୍ଦ, ନମିତା ପାଣ୍ଡେ, ମୋନିକା ଶ୍ରୀବାସ୍ତବ, ବିଜୟ ଦାଶ ପ୍ରମୁଖ ବରିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ଛାତ୍ରଛାତ୍ରୀମାନେ ଗୋଷ୍ଠୀଗତ ଭାବେ ବାପୁଜୀଙ୍କ ଜୀବନ୍ତାକାର ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ତାଙ୍କ ସମ୍ମୁଖରେ ଗାନ୍ଧୀଙ୍କ ପ୍ରିୟ ଧୂନ ପରିବେଷଣ କରିଥିଲେ । ସଭାରେ ସମସ୍ତେ ଗାନ୍ଧୀଙ୍କ ପରି ସରଳ, ନିରାଡ଼ମ୍ବର ଓ ସ୍ୱଦେଶୀ ବିଚାରସମ୍ପନ୍ନ ଜୀବନ ପ୍ରଣାଳୀ ଆପଣେଇବାକୁ ସଂକଳ୍ପ ନେଇଥିଲେ ।



## ଷଣ୍ଢ ଆକ୍ରମଣରେ ୨ ଆହତ

**ଝାରସୁଗୁଡ଼ା, ୩୦।୧ (ସମିସ):** ଝାରସୁଗୁଡା ଜିଲ୍ଲା ବେଲପାହାଡ ପୌରପରିଷଦ ଜୋରାବଗାରେ ଷଣ୍ଢ ଆକ୍ରମଣରେ ଦୁଇ ଜଣ ବ୍ୟକ୍ତି ଆହତ ହୋଇଛନ୍ତି । ଆହତ ବ୍ୟକ୍ତି ଦ୍ୱୟ ଜୋରାବଗା ଦେମୁଲପଡ଼ାର ହରିହ୍ର ପ୍ରଧାନ (୩୨) ଏବଂ କପିଲ ରାଓଡ଼ିଆ (୨୨) ବୋଲି ଜଣାପଡ଼ିଛି । କପିଳଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିବାବେଳେ ହରିହ୍ର ହାତ ଭାଙ୍ଗି ଯାଇଛି । ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ଚିକିତ୍ସାଳୟକୁ ପଠାଇଛନ୍ତି ।

## ଲୁଟ୍ ମାମଲାରେ ୫ ଗିରଫ

**ଝାରସୁଗୁଡ଼ା, ୩୦।୧ (ସମିସ):** ଦୁଇ ଗୋଟି ପୃଥକ ଲୁଟ ମାମଲାରେ ବ୍ରଜରାଜନଗର ପୁଲିସ ୫ ଜଣ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି । ସୂଚନାନୁଯାୟୀ, ବ୍ରଜରାଜନଗର ଥାନା ଗଙ୍ଗାନଗର ସନ୍ତୋଷିପଡ଼ାର ଗଣେଶି ବର୍ମା ତାଙ୍କ ଘର ତାଲା ଭାଙ୍ଗି ଦୁବୃତ୍ତମାନେ ଚୋରି କରିଥିବା ନେଇ ଅଭିଯୋଗ କରିଥିଲେ । ତାଙ୍କ ଘରୁ ୨ ଟି କାନଫୁଲ, ଏକ ରୁପା ବ୍ରେସଲେଟ, ୨ ଟି ମୋବାଇଲ ଫୋନ ଏବଂ ଛଅ ହଜାର ଟଙ୍କା ଲୁଟ ହୋଇଥିବା ନେଇ ସେ ଲିଖିତ ଅଭିଯୋଗରେ ଦର୍ଶାଇଥିଲେ । ଅଭିଯୋଗକୁ ନେଇ ୨୭ ତାରିଖରେ କେସ୍ ନଂ-୨୩ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା । ଏହି ମାମଲାରେ ୨୮ ତାରିଖରେ ଅଭିଯୁକ୍ତ ଗଙ୍ଗା ନଗରର ଗଙ୍ଗାଧର କିଷାନ ଓରଫ ବିଲ୍ଲା(୨୧) କୁ ଗିରଫ କରାଯାଇଥିବା ବେଳେ ଶୁକ୍ରବାର ଆଉଜଣେ ଅଭିଯୁକ୍ତ ଆକାଶ ଯାଦବ(୨୩) କୁ ଗିରଫ କରାଯାଇଛି । ଅଭିଯୁକ୍ତମାନଙ୍କ ନିକଟରୁ ୪ ହଜାର ଟଙ୍କା ଏବଂ ଦୁଇଟି ମୋବାଇଲ ଫୋନ ଜବତ କରାଯାଇଥିବା ନେଇ ପୁଲିସ ସୂଚନା ଦେଇଛି । ସେହିପରି ବ୍ରଜରାଜନଗର ମୁଖ୍ୟ ମାର୍କେଟର କମଳ ଗୋୟଲ ତାଙ୍କ ପୁଅଠାରୁ ୨୭ ତାରିଖ ସନ୍ଧ୍ୟାରେ ହିଲଟପ କଲୋନୀ ପଛପଟେ ଚାରିଜଣ ଦୁବୃତ୍ତ ମାରଣାସ୍ତ୍ର ଦେଖାଇ ସୁନା ଚେନ ଓ ସୁନା ମୁଦି ଲୁଟ କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ଏହାକୁ ନେଇ ବ୍ରଜରାଜନଗର ଥାନା କେଶ ନମ୍ବର ୨୪ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା । ଏଥିରେ ପୂର୍ବ ମାମଲାରେ ଜଡିତ ଉଭୟ ଗଙ୍ଗାଧର କିଷାନ ଓ ଆକାଶ ଯାଦବ ସମ୍ପୃକ୍ତ ଥିବା ଜଣାପଡଇଥିବା ବେଳେ ଉକ୍ତ ଘଟଣାରେ ସମ୍ପୃକ୍ତ ଅନ୍ୟ ତିନି ଅଭିଯୁକ୍ତ ବୁର୍ଲା ଥାନା ଅଞ୍ଚଳର କାହ୍ନା ସିକ୍କା(୧୯), ଗଙ୍ଗାନଗରର ବଜରଙ୍ଗ ଖମାରି(୨୨) ଓ ରାଏଗଡ଼ କୋଟବାଲି ଥାନା ଅଞ୍ଚଳର କୈଳାସ ଅଗ୍ରୱାଲ(୪୬) କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଶୁକ୍ରବାର ବ୍ରଜରାଜନଗର ପୁଲିସ ସୂଚନା ଦେଇଛି । ଅଭିଯୁକ୍ତମାନଙ୍କ ନିକଟରୁ ଏକ ସୁନା ଚେନ, ସୁନା ଲକେଟ, ସୁନା ମୁଦି ଜବତ କରାଯାଇଥିବା ନେଇ ପୁଲିସ ସୂଚାଇଛି ।

**ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ**

# ସମ୍ବିଧାନର ସୁରକ୍ଷା ପାଇଁ ଆହ୍ୱାନ







**ରାଉରକେଲା, ୩୦।୧(ସମିସ):** ସିପିଆଇଏମ୍ ରାଉରକେଲା ଆଞ୍ଚଳିକ କମିଟି ପକ୍ଷରୁ ମହାତ୍ମା ଗାନ୍ଧୀଙ୍କ ୭୯ତମ ତୀରଧାନ ଦିବସ ପାଳିତ ହୋଇଛି । ଆମ୍ବାଗାନ ସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସଭା ଅନୁଷ୍ଠିତ ହୋଇଥିଲା । ରାଜ୍ୟ ସମ୍ପାଦକ ମଣ୍ଡଳୀ




ସଦସ୍ୟ ବିଷ୍ଣୁ ମହାନ୍ତି ଯୋଗଦେଇ ବ୍ରିଟିଶ ଉପନିବେଶବାଦ ବିରୁଦ୍ଧରେ ସଂଗ୍ରାମ କରି ଦେଶକୁ ସ୍ୱାଧୀନ କରିବା କ୍ଷେତ୍ରରେ ଗାନ୍ଧୀଙ୍କ ଅବଦାନ ସର୍ବାଧିକ ଥିଲା ବୋଲି କହିଥିଲେ । ସାମ୍ପ୍ରଦୟିକ ଶକ୍ତି ବିରୁଦ୍ଧରେ ଜନଗଣ ଏକ ହେବା ସହିତ ସାମ୍ପ୍ରଦୟିକ ସଦଭାବନା ଓ ଭାଇଚାରା ବଜାୟ ରଖିବା, ସମ୍ବିଧାନର ସୁରକ୍ଷା ପାଇଁ ସେ ଆହ୍ୱାନ ଦେଇଥିଲେ । ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ମଣ୍ଡଳୀ ସଦସ୍ୟ ବସନ୍ତ ନାୟକ, ବିଶ୍ୱଜିତ ମାଝୀ, ଭାଗିରଥି ଟୁଡୁ, ଯଯାତି କେଶରୀ ସାହୁ, ଚନ୍ଦ୍ରଭାନୁ ଦାସ, ଆଞ୍ଚଳିକ କମିଟି ସଭ୍ୟ ଏନ୍‌ଏନ୍ ପାଣିଗ୍ରାହୀ, ପ୍ରଭାତ ମହାନ୍ତି, ଦିବାକର ମହାରଣା, ପ୍ରଦୀପ ସେଠୀ, ଅରୁଣ ମହାରଣା, ବସନ୍ତ ପାଢ଼ୀ, ବାସୁଦେବ ସାହୁ, ଏନ୍‌କେ ରାଉତରାୟ, ପ୍ରମୋଦ ପରିଡ଼ା, ଜନ୍ମେଜୟ ଘୋଷ, ଆଦିତ୍ୟ ନାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

### ମେରା ଯୁବା ଭାରତ

ମେରା ଯୁବା ଭାରତ ସୁନ୍ଦରଗଡ଼ ପକ୍ଷରୁ ସୁନ୍ଦରଗଡ଼ ସହରର ଶଙ୍କରାର ସନ୍ଦିପନୀ ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟରେ ସହିଦ ଦିବସ ତଥା ସର୍ବୋଦୟ ଦିବସ ପାଳିତ ହୋଇଯାଇଛି । ପ୍ରଥମେ ମାହାମାଗାନ୍ଧୀଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ସୁମିତ କୁମାର ନାଏକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ମେରା ଯୁବା ଭାରତର ପୂର୍ବତନ ଅଧ୍ୟକ୍ଷ ନବୀନ କୁମାର ନାଏକ ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । ମୁଖ୍ୟବକ୍ତା ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ ଯୋଗଦେଇ ସହିଦ ଦିବସର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଇଶ୍ୱେତା ନାଏକ ଧନ୍ୟବାଦ ଦେଇଥିଲେ । ଅନୁଷ୍ଠାନର ସହକାରୀ ଶିକ୍ଷୟିତ୍ରୀ ନିରୂପମା ଦେହୁରୀ ପରିଚାଳନା କରିଥିବା ବେଳେ ମେରା ଯୁବା ଭାରତ ସୁନ୍ଦରଗଡ଼ର ମଞ୍ଜିତ ଡୁଙ୍ଗଡୁଙ୍ଗ, ସନ୍ଦିପନୀ ଯୁକ୍ତଦୁଇ ବିଜ୍ଞାନ ମହାବିଦ୍ୟାଳୟର ଆଶିଷ ପୃଷେଠ ପ୍ରମୁଖ ସହଯୋଗ କରିଥିଲେ ।

### ଜିଲ୍ଲା କଂଗ୍ରେସ କମିଟି

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଜିଲ୍ଲା ସଭାପତି ନିର୍ମଳ କୁମାର ନାଏକଙ୍କ ସଭାପତିତ୍ୱରେ ସ୍ଥାନୀୟ କଚେରୀ ରୋଡ ସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ଆୟୋଜିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ସଭାପତିଙ୍କ ସମେତ ଉପସ୍ଥିତ ନେତୃବୃନ୍ଦ ଅଜିତ ପ୍ରସାଦ, ନେପାଳ ସାହୁ, ପ୍ରଣବ ସିଂ, ସୁଧାଂଶୁ ପଶାୟତ ପ୍ରମୁଖ ମହାତ୍ମାଗାନ୍ଧୀଙ୍କ ସ୍ୱାଧୀନତା ସଂଗ୍ରାମର ଇତିହାସ, ଦେଶ ସ୍ୱାଧୀନତା ପାଇଁ ହୋଇଥିବା ସଂଗ୍ରାମ ବିଷୟରେ ବକ୍ତବ୍ୟ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପର୍ଶୁରାମ ସରାଫ, ପ୍ରଦୀପ ସିଂ, ଆନ୍ଥୋନୀ କୁଲ୍ଲୁ, ରାଜେନ୍ଦ୍ର ପଟେଲ, ସତ୍ୟନାରାୟଣ ସାହୁ, ପିତାମ୍ବର ଶେଖର ଦେଓ, ମୁନୁ ସରାଫ, କଳ୍ପନା ଆପଟ, ଭୁଲକି ସେଠ୍, ଶେଖର ଦେଓ, ସଞ୍ଜୀବ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଦ୍ୟୁତ ଆଘାତରେ ଜଣେ ମୃତ

**ରିଆମାଳ, ୩୦।୧ (ସମିସ):** ରିଆମାଳ ବ୍ଲକ କୁଣ୍ଢେଇଗୋଲା ଥାନା ବାଘବର ଗ୍ରାମରେ ଆଜି ବିଦ୍ୟୁତ ସ୍ପର୍ଶରେ ଆସି ଜଣଙ୍କ ମୃତ୍ୟୁ ହୋଇଛି । ମୃତକ ହେଲେ ସ୍ୱର୍ଗତ ଦୁଃଖୁ ଦେହୁରୀଙ୍କ ପୁଅ ଦିଲ୍ଲିପ ଦେହୁରୀ (୫୦) । ଦିଲ୍ଲିପ ଆଜି ସକାଳ ବାଘବର ସ୍ଥିତ ତାଙ୍କ ଭଉଣୀ ଘରେ ବିଦ୍ୟୁତ କଟର ଯୋଗେ କାମ କରୁଥିଲେ । ବିଦ୍ୟୁତ ତାର ସ୍ପର୍ଶରେ ଆସି ଘଟଣାସ୍ଥଳରେ ଅଚେତ ହୋଇଯାଇଥିଲେ । ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଛତାବର ଡାକ୍ତରଖାନା ଆଣିଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ କୁଣ୍ଢେଇଗୋଲା ଥାନା ପୁଲିସ ସୂଚନା ପାଇବା ପରେ ଡାକ୍ତରଖାନାରୁ ଶବ ଜବତ କରିବା ସହିତ ପରିବାର ଲୋକଙ୍କ ଅଭିଯୋଗ କ୍ରମେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଥିବା ଜଣାପଡ଼ିଛି । ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ଆଜି ଶବ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି । ସେ ଶ୍ରମିକ ଭାବେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ପ୍ରଶାସନ ପକ୍ଷରୁ ଖୁସବୁ ଜୟପୁରିଆ ସମ୍ବର୍ଦ୍ଧିତ

**ସାଧାରଣତନ୍ତ୍ର ଦିବସରେ ରାଷ୍ଟ୍ରପତି ଭବନକୁ ନିମନ୍ତ୍ରିତ ହୋଇଥିଲେ**

**ଝାରସୁଗୁଡ଼ା, ୩୦।୧ (ସମିସ):** ଝାରସୁଗୁଡ଼ା ଜିଲ୍ଲାର ଜଣେ ଦକ୍ଷ ତଥା ନିଷ୍ଠାପର 'ଆପଦା ମିତ୍ର' ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରୁଥିବା ଖୁସବୁ ଜୟପୁରିଆ ନିଜର ଅସାଧାରଣ ସେବା ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛନ୍ତି । ନୂଆଦିଲ୍ଲୀଠାରେ ଅନୁଷ୍ଠିତ ୨୦୨୬ ସାଧାରଣତନ୍ତ୍ର ଦିବସ ସମାରୋହରେ ଯୋଗଦେବା ପାଇଁ ତାଙ୍କୁ ରାଷ୍ଟ୍ରପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ୱତନ୍ତ୍ର ନିମନ୍ତ୍ରଣ ମିଳିଥିଲା । ଏହି ଅବସରରେ ସେ ରାଷ୍ଟ୍ରପତି ଭବନରେ ଆୟୋଜିତ ପ୍ରତିଷ୍ଠିତ 'ଏଟ୍ ହୋମ୍' ସମ୍ବର୍ଦ୍ଧନା ସଭାରେ ମଧ୍ୟ ଅଂଶଗ୍ରହଣ କରିବାର ବିରଳ ସୁଯୋଗ ପାଇ ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ଏଥିପାଇଁ ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣ ଖୁସବୁଙ୍କୁ ଫଳ ଟୋକେଇ ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଏହି ସଫଳତା ଅନ୍ୟ ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରେରଣାଦାୟୀ ହେବ ବୋଲି ମତବ୍ୟକ୍ତ



କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଖୁସବୁଙ୍କ ସେବା ମନୋଭାବ ଓ ନିରନ୍ତର ପ୍ରୟାସକୁ ଉଚ୍ଚ ପ୍ରଶଂସା କରିଥିଲେ ।

# ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




**ଇବଥର୍ମାଲ, ୩୦।୧ (ସମିସ):** ଶୁକ୍ରବାର ଦଳଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ବିଦ୍ୟାଳୟର ସହକାରୀ ଶିକ୍ଷକ ଅନ୍ତର୍ଯାମୀ ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏନେଇ ଶିକ୍ଷାବିତ ଗୁରୁଚରଣ ସାଙ୍କ ସଭାପତିତ୍ୱରେ ଏକ ବିଦାୟକାଳୀନ ସଭା ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସମ୍ମାନୀତ ଅତିଥି ଭାବରେ ଦଳଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ବନ୍ଦନା ଦଲେଇ, ମନୋଜ ପାଢ଼ୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କେଶବ ସା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରବୀଣ କୁମାର ସେଠ, ପିପିଲିକାନୀ ସିଆରସିସି ରାଜେଶ ସା ପ୍ରମୁଖ ଯୋଗଦେଇଥିଲେ । ଶିକ୍ଷକ ପ୍ରମୋଦ ସେନାପତୀ, ପ୍ରେମସାଗର ନାଏକ, ଶିବଶଙ୍କର ମେହେର, ଅଶ୍ୱିନୀ ଦାସ, ଅଶୋକ ପାଢ଼ୀ, ଲଳିତ ପଧାନ, ଶତ୍ରୁଘ୍ନ ମଲ୍ଲିକ, ଗୋକୁଲାନନ୍ଦ ଭଏସା ପ୍ରମୁଖ ଅତିଥି ବୃନ୍ଦ ବିଦାୟୀ ଶିକ୍ଷକଙ୍କ ଶିକ୍ଷକତା ଜୀବନର ସ୍ମୃତି ଚାରଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ଶିକ୍ଷକ ଅଲେଖ କିସାନ, ଶିକ୍ଷୟିତ୍ରୀ ଦଶମନ୍ତୀ ବାଗ, ଏସ୍‌ଏମ୍‌ସି କମିଟିର ସଭ୍ୟସଭ୍ୟା, ପିପିଲିକାନୀ କ୍ଲଷ୍ଟରର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ । ଶିକ୍ଷକ ଶ୍ରୀପତି ଓରାମ ସଭା ପରିଚାଳନା କରିଥିବାବେଳେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଜାତା ଧର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଦ୍ୟୁତ ବିଭାଗର ସଚେତନତା କାର୍ଯ୍ୟକ୍ରମ




**କୋଲାବିରା, ୩୦।୧ (ସମିସ):** ଜାତୀୟ ସଡକ ସୁରକ୍ଷା ମାସ ଅବସରରେ କୋଲାବିରା ଗ୍ରୀଡ ରଘୁନାଥପାଲି ସେକ୍ସନ ପକ୍ଷରୁ ଏକ ସଡକ ସୁରକ୍ଷା ସଚେତନତା ଶୋଭାଯାତ୍ରା କୋଲାବିରା ଗ୍ରୀଡ ପରିସରରୁ ସୁପରଭାଇଜର କୋଶୋର ପୁହାଣଙ୍କ ନେତୃତ୍ୱରେ ବାହାରି କରୁଣାର ଛକ ପର୍ଯ୍ୟନ୍ତ ଯାଇ ଗ୍ରାମ ପରିକ୍ରମ କରି ସଚେତନାତାର ବର୍ତ୍ତା ଦେଇଛନ୍ତି । ବିଦ୍ୟତ୍ ବିଭାଗ ଓ ସ୍ଥାନୀୟ ପୁଲିସ ପକ୍ଷରୁ ଆୟୋଜିତ ଏହି କାର୍ଯକ୍ରମରେ ଡିଭିଜନ ସୁରକ୍ଷା ଅଧିକାରୀ ସଞ୍ଜିବ ପ୍ରଧାନ, ସୁରକ୍ଷା ଯନ୍ତ୍ରୀ ଅଭିନାଶ ମୋହାନ୍ତ, ଅଞ୍ଜନ କୁମାର ନାଏକ, ବିଦ୍ୟୁତ ସେକ୍ସନ ଅଧିକାରୀ କମଳ ଲୋଚନ ପାତ୍ର, ସୁନିତ ମେହେର, ଲାଇନମେନ ରୁପେଶ ପହାପାତ୍ର, ମଙ୍ଗଲୁ ପ୍ରଧାନ, କ୍ଷେତ୍ରୀୟ ଯନ୍ତ୍ରୀ କିଶୋର ପୁହାନ ପ୍ରମୁଖଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀ ସାମିଲ ହୋଇଥିଲେ । ହେଲମେଟ ବ୍ୟବହାର, ସିଟ ବେଲ୍ଟ ପରିଧାନ, ମୋବାଇଲ ବ୍ୟବହାର ନ କରିବା, ଦୃତଗତୀରେ ଗାଡିଚାଳନା ନକରିବା, ନିଶାସକ୍ତ ଅବସ୍ଥାରେ ଡ୍ରାଇଭିଂ ନକରିବା ସର୍ବୋପରି ଟ୍ରାଫିକ ନିୟମର ଅନୁପାଳନ ବିଷୟରେ ସ୍ଲୋଗାନ ସହ ପ୍ଲାକାର୍ଡ ପ୍ରଦର୍ଶନ କରି ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଥିଲା ।

# ଗଣ୍ଡଘୋରା ହାଇସ୍କୁଲର ପୁରାତନ ଛାତ୍ର ସମାବେଶ

**ଝାରସୁଗୁଡ଼ା, ୩୦।୧(ସମିସ):** ଝାରସୁଗୁଡା ଜିଲ୍ଲା ବ୍ରଜରାଜନଗର ପୌର ପରିଷଦ ଗଣ୍ଡଘୋରା ଉଚ୍ଚ ବିଦ୍ୟାଳୟ ୨୦୦୧ ବ୍ୟାଚ୍‌ର ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ ତଥା ବନ୍ଧୁମିଳନ କାର୍ଯ୍ୟକ୍ରମ ଗଣ୍ଡଘୋରା ଫୁଟବଲ୍ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି । ସଂଗଠନ ର ସୁନିଲ ପ୍ରଧାନଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀ ମାନେ ଏକତ୍ରିତ ହୋଇ ସଂଗଠନର ଆଗାମୀ ଦିନରେ ବିଭିନ୍ନ ସମାଜସେବା କାର୍ଯ୍ୟ ଉପରେ ଆଲୋଚନା କରାଯାଇଥିଲା । ଛାତ୍ରଛାତ୍ରୀଙ୍କ ତରଫରୁ କେକ୍ କଟାଯାଇଥିଲା । ଏଥିରେ୨୪ ଜଣ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସୁନିଲ ପ୍ରଧାନ, ସୁଧୀର ପୃସେଠ, ସଞ୍ଜୀବ ପ୍ରଧାନ, ସୁନିଲ ସାହୁ, ଟିକେଶ୍ୱର୍ ରଣା, ଗୋପାଳ ଭୋଇ, ସୁବଳ ବେହେରା, ଅନୀଲ ଭୋଇ, ସେବକରାମ ବଢ଼ାଇ, ଘନଶ୍ୟାମ ଖମାରୀ, ସୁଶୀଲ ପ୍ରଧାନ, ଅହଲ୍ୟା ଭୋଇ, ଦୀପିକା ପାଢ଼ୀ, ରଞ୍ଜିତା ପ୍ରଧାନ, ତୁଳସୀ ସାହୁ, ସସ୍ମିତା ସାହୁ, ଖୁଲଣା ବଢ଼ାଇ, ସ୍ମିତା ନାଏକ, କବିତା ମିଶ୍ର, ସୁନୀତା ବାରିକ, ନାମିତ ବିଶି ସରିତା ପଣ୍ଡା, ଜେମା ସାହୁ ଓ ସରସ୍ୱତୀ ସାହୁ ପ୍ରମୁଖ ସାମିଲ ହୋଇଥିଲେ ।




# ଜିଲ୍ଲା ପ୍ରଶାସନ ପକ୍ଷରୁ ଶହୀଦ ଦିବସ




**ଝାରସୁଗୁଡ଼ା, ୩୦।୧ (ସମିସ):** ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆଜି ଶହୀଦ ଦିବସ ପାଳିତ ହୋଇଛି । ଏହି ଅବସରରେ ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କ ସ୍ମୃତି ଚାରଣ କରାଯାଇଛି । ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହାଣଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ବୀର ସନ୍ତାନମାନଙ୍କ ସମ୍ମାନାର୍ଥେ ୨ ମିନିଟ୍‌ର ନୀରବ ପ୍ରାର୍ଥନା କରାଯାଇଥିଲା । ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ, ପିଡି ଆର୍ ଆଣ୍ଡ ଆର ଲଳିତ ସୋରେଙ୍ଗ ପ୍ରମୁଖ ଯୋଗଦେଇ ଶହୀଦମାନଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିସହ ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ ।

# ଜିଲ୍ଲାସ୍ତରୀୟ 'ସ୍ପର୍ଶ' କୁଷ୍ଠ ସଚେତନତା ଅଭିଯାନ

**ଝାରସୁଗୁଡ଼ା, ୩୦।୧(ସମିସ)**

ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ମଙ୍ଗଳବଜାରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ 'ସ୍ପର୍ଶ' କୁଷ୍ଠ ସଚେତନତା ଅଭିଯାନ ତଥା କୁଷ୍ଠ ନିରାକରଣ ଦିବସ ପାଳିତ ହୋଇଯାଇଛି । ଚଳିତ ବର୍ଷର ମୁଖ୍ୟ ସନ୍ଦର୍ଭ 'ଅନ୍ତ ଭେଦଭାବର, ସୁରକ୍ଷା ମର୍ଯ୍ୟାଦାର' ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଜିଲ୍ଲା କୁଷ୍ଠ ଅଧିକାରୀ ଡ଼. ରାଧାରମନ ବୀର୍ଡିଆ ମୁଖ୍ୟଅତିଥି ଭାବେ ଯୋଗଦେଇ କୁଷ୍ଠ ରୋଗର କାରଣ, ଏହାର ନିରାକରଣ ଏବଂ ସମାଜରୁ ଏହି ରୋଗ ସମ୍ବନ୍ଧୀୟ ଭେଦଭାବ ଦୂର କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ସେ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ କୁଷ୍ଠ ରୋଗୀଙ୍କ ପ୍ରତି ସମ୍ମାନଜନକ ବ୍ୟବହାର ଓ ସେବା ମନୋଭାବ ରଖିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳଙ୍କ ସ୍ୱତନ୍ତ୍ର ବାର୍ତ୍ତାକୁ ଡିପିଇଓ ସୁଶାନ୍ତ ବେହେରା ପଠନ କରିଥିବା ବେଳେ ଅନ୍ୟ ଅତିଥିମାନେ କୁଷ୍ଠ ମୁକ୍ତ ସମାଜ ଗଠନ ପାଇଁ ସାମୂହିକ ପ୍ରୟାସର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନଙ୍କ ମଧ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏନଏଚ୍‌ଏମ ଜିଲ୍ଲା ଯୋଜନା ପ୍ରବନ୍ଧକ ଦୀପକ କୁମାର ମହାନ୍ତି, କ୍ରିଷ୍ଟାପ୍ରିୟା ପ୍ରଧାନ, ସଭାପତି ବିପୁଲ ଉପାଧ୍ୟାୟ, ଓକେସିଏଲ ଜିଲ୍ଲା ସଂଯୋଜକ ବସନ୍ତ କୁମାର ସାହୁ ଏବଂ ଜିଲ୍ଲା କୁଷ୍ଠରୋଗ ପରାମର୍ଶଦାତା ଡ଼. ହରପ୍ରସାଦ ପ୍ରଧାନ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଶ୍ରୀ ସୋମଦତ୍ତ ପୁରୋହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଚେତନା ପ୍ରଧାନ, ରଞ୍ଜନ କୁମାର ପରିଚ୍ଛା ଏବଂ ଶୁଭକାନ୍ତ ପଣ୍ଡାଙ୍କ ସମେତ ଅନ୍ୟାନ୍ୟ କର୍ମଚାରୀମାନେ ସହଯୋଗ କରିଥିଲେ । ଏହି ଅଭିଯାନ ଜରିଆରେ କୁଷ୍ଠ ରୋଗକୁ ନେଇ ସମାଜରେ ଥିବା କୁସଂସ୍କାର ଦୂର କରିବା ପାଇଁ ସଙ୍କଳ୍ପ ନିଆଯାଇଥିଲା ।



